ଓଡ଼ିଶା ସରକାର

ସାଧାରଣ ପ୍ରଶାସନ ବିଭାଗ

.....

ପତ୍ର ସଂଖ୍ୟା 27559 /ସା.ପ୍ର.ବି.,

ତାରିଖ 21 ସେପ୍ଟେମ୍ବର ୧୯୯୪.

ପ୍ରେରକ : ଶ୍ରୀ ପ୍ରିୟବ୍ରତ ପଟ୍ଟନାୟକ, ଆଇ.ଏ.ଏସ୍.,
ସ୍ୱତନ୍ତ୍ର ଶାସନ ସଚିବ ।

ପ୍ରାପ୍ତେଷୁ: ସମସ୍ତ ବିଭାଗୀୟ ପ୍ରମୁଖ ଶାସନ ସଚିବ / ସମସ୍ତ ଶାସନ ସଚିବ /
ସମସ୍ତ ବିଭାଗୀୟ ମୁଖ୍ୟ / ସମସ୍ତ ରାଜସ୍ୱ କମିଶନର / ସମସ୍ତ ଜିଲ୍ଲାପାଳ ।

ବିଷୟ: ସରକାରୀ କର୍ମଚାରୀଙ୍କ ବଦଳି ନୀତି ।

ମହାଶୟ,

ମୁଁ ନିର୍ଦ୍ଦେଶକ୍ରମେ ଜଣାଉଅଛି କି ଯେ, ଏହି ବିଭାଗର ପତ୍ର ସଂଖ୍ୟା 25052 ତା. ୩.୯.୯୪ ରିଖ ରେ ସରକାରୀ କର୍ମଚାରୀ ମାନଙ୍କ ବଦଳି ନୀତି ସମ୍ପର୍କରେ ସୂଚିତ କରାଯାଇଥିଲା । ଉକ୍ତ ପତ୍ରର ଅନୁଚ୍ଛେଦ 4 ରେ ଥିବା ବଦଳି ନୀତିର ଆଂଶିକ ପରିବର୍ତ୍ତନ କରାଯାଇ ଏହା ସୂଚିତ କରାଯାଉଅଛି ଯେ, ଅବିଭକ୍ତ କୋରାପୁଟ, ବଲାଙ୍ଗିର ଓ କଳାହାଣ୍ଡି ଜିଲ୍ଲା ମାନଙ୍କରେ 5 (ପାଂଚ) ବର୍ଷ ଚାକିରୀ କାଳ ପୂର୍ଣ୍ଣ କରିଥିବା କୌଣସି ସରକାରୀ କର୍ମଚାରୀ ବଦଳି ହୋଇଥିଲେ ଏବଂ ତାଙ୍କ ପ୍ରତିବଦଳରେ ଆସୁଥିବା କର୍ମଚାରୀ ଯୋଗଦାନ କରିନଥିଲେ ମଧ୍ୟ ବଦଳି ହୋଇଥିବା କର୍ମଚାରୀଙ୍କୁ ତାଙ୍କ ଜିଲ୍ଲାସ୍ତରୀୟ ମୁଖ୍ୟ ଅଧିକାରୀଙ୍କ ସମ୍ମତିରେ ଭାରମୁକ୍ତ କରାଯାଇପାରିବ ।

ଆପଣଙ୍କର ବିଶ୍ୱସ୍ତ,

(ସ୍ୱତନ୍ତ୍ର ଶାସନ ସଚିବ)

ଜାଣି.

....